# କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ରମାକାନ୍ତ ରଥଙ୍କ ଶୋକ ସଭା

ନୂଆଦିଲ୍ଲୀ, ୦୯/୦୪; ନୂଆଦିଲ୍ଲୀ ରବୀନ୍ଦ୍ର ଭବନ ସ୍ଥିତ କାର୍ଯ୍ୟାଳୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଆଜି ସନ୍ଧ୍ୟାରେ ପ୍ରଖ୍ୟାତ ଓଡ଼ିଆ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଗତ ରମାକାନ୍ତ ରଥଙ୍କ କନ୍ୟା ଶ୍ୟାମା ରଥ ନିଜ ଅନୁଭୂତି ବାଣ୍ଟିଥିଲେ। ସେ କହିଥିଲେ ଯେ ସ୍ୱର୍ଗତ ରଥ ଖୁବ୍ ସ୍ନେହୀ ଏବଂ ଭଲ ମଣିଷ ଥିଲେ। ତାଙ୍କ ଝିଅ ହୋଇ ସେ ନିଜକୁ ଭାଗ୍ୟବାନ ମନେ କରନ୍ତି। ଅନଲାଇନ୍ ମାଧ୍ୟମରେ ଯୋଗ ଦେଇଥିବା ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ୱର୍ଗତ ଲେଖକଙ୍କ କଲେଜ ସମୟରେ ତାଙ୍କ ଜୀବନ ଏବଂ ଲେଖା ବିଷୟରେ କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟ ଏକାଡେମୀର ଇଂରାଜୀ ପରାମର୍ଶଦାତା ବୋର୍ଡର ସଂଯୋଜକ ପ୍ରଫେସର ମାଲାଶ୍ରୀ ଲାଲ ଇଂରାଜୀ ସାହିତ୍ୟ ଜଗତ ତାଙ୍କ ପ୍ରତି ବହୁତ ଋଣୀ ବୋଲି କହିଥିଲେ। ସେ 'ଶ୍ରୀରାଧା' ରେ ରାଧାଙ୍କ ଆଧୁନିକ ବ୍ୟାଖ୍ୟା ବିଷୟରେ କହିଥିଲେ ଏବଂ ତହିଁରୁ କେତେକ ପଂକ୍ତି ମଧ୍ୟ ପାଠ କରିଥିଲେ। ଡକ୍ଟର ସୁକୃତା ପାଲ କୁମାର କହିଥିଲେ ଯେ, ଦେବୀ ନୁହେଁ ବରଂ ରାଧାଙ୍କୁ ମାନବ ରୂପେ ଚିତ୍ରଣ ଅର୍ପଣ କରିଥିଲେ ଶ୍ରୀ ରଥ। ସାହିତ୍ୟ ଏକାଡେମୀର ଓଡିଆ ପରାମର୍ଶ ମଣ୍ଡଳୀର ଆବାହକ ଡକ୍ଟର ଗୌରହରି ଦାସ କବିଙ୍କ ମହାନ କୃତି ଶ୍ରୀରାଧା ଏବଂ ଶ୍ରୀ ପଳାତକର ସ୍ୱାତନ୍ତ୍ର୍ୟ ବିଷୟରେ କହିଥିଲେ। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଶ୍ରୀରାଧା ଅନୁବାଦ କରିବା ସମୟର ଅନୁଭୂତି ବାଣ୍ଟିଥିଲେ। ଶ୍ରୀମତୀ ପାରମିତା ଶତପଥୀ ରମାକାନ୍ତ ରଥଙ୍କ କବିତାର କେତେକ ପଂକ୍ତି ପାଠ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଫେସର ସୁମନ୍ୟୁ ଶତପଥୀ ଶ୍ରୀରାଧା ପ୍ରକାଶନର ଆଠ ବର୍ଷ ପରେ ଶ୍ରୀ ପଳାତକ କିପରି ପ୍ରକାଶିତ ହୋଇଥିଲା ଏବଂ ଏହା ଶ୍ରୀରାଧାଙ୍କୁ କିପରି ପରିପୂରକ କରିଥିଲା ସେ ବିଷୟରେ କହିଥିଲେ। ଜିତେନ୍ଦ୍ର ନାଥ ମିଶ୍ର ସ୍ୱର୍ଗତ ଲେଖକଙ୍କ କବିତା ସଂକଳନ ସପ୍ତମ ଋତୁ ଉପରେ ବକ୍ତବ୍ୟ ରଖିଥିଲେ, ଯେଉଁ କୃତି ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେ ଏଥିରୁ କିଛି ପଂକ୍ତି ପାଠ କରିବା ପୂର୍ବକ ଏହାର ଇଂରାଜୀ ଅନୁବାଦ ମଧ୍ୟ କରିଥିଲେ। ଏହି ଅବସରରେ ବିଖ୍ୟାତ ଲେଖିକା ପ୍ରତିଭା ରାୟ ପଠାଇଥିବା ଶୋକ ବାର୍ତ୍ତା ପାଠ କରାଯାଇଥିଲା। ଶେଷରେ ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ କହିଥିଲେ ଯେ ରମାକାନ୍ତ ରଥ ଶ୍ରୀରାଧାଙ୍କ ରୂପରେ ଏକ ଭୌତିକ ପଥ ପ୍ରସ୍ତୁତ କରିଥିଲେ ଯାହା ଆଧିଭୌତିକ ଜଗତକୁ ନିର୍ଦ୍ଦେଶିତ କରିଥାଏ। ସେ ଆହୁରି କହିଥିଲେ ଯେ ରମାକାନ୍ତ ରଥ ପାଠକଙ୍କୁ ମୃତ୍ୟୁ ଭୟରୁ ସବୁବେଳେ ମୁକ୍ତ କରନ୍ତି।

